# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 January - 2025

### News Editor : Tapan Kumar Maharana

*******************************

## ମୁଖ୍ୟ ସମ୍ବାଦ

- ‘ବେଟି ବଚାଓ, ବେଟି ପଢ଼ାଓ’ କାର୍ଯ୍ୟକ୍ରମକୁ ପୁରିଲା ୧୦ ବର୍ଷ

– ଆଜିଠାରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ଯୋଜନା ସମ୍ବନ୍ଧରେ ଚାଲିବ ସଚେତନତା କାର୍ଯ୍ୟକ୍ରମ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବର୍ତ୍ତମାନ ଚାଲିଛି ରାଜ୍ୟ କ୍ୟାବିନେଟ୍‌ର ବୈଠକ

- ବିଧାନସଭାର ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ; ଫେବୃଆରୀ ମାସ ୧୩ ତାରିଖରୁ ହେବ ଆରମ୍ଭ

ଏବଂ

- ରାଞ୍ଚି ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମରେ ଆଜି ପୁରୁଷ ଓ ମହିଳା ବର୍ଗରେ ଦୁଇଟି ମ୍ୟାଚ୍ ଖେଳାଯିବ

# ବେଟି ବଚାଓ–ବେଟି ପଢ଼ାଓ

କେନ୍ଦ୍ର ସରକାରଙ୍କର 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନା ଆଜି ୧୦ ବର୍ଷ ପୂରଣ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିନରେ ଶିଶୁକନ୍ୟାମାନଙ୍କର ବିକାଶ ଲିଙ୍ଗଗତ ଅସମାନତାକୁ ଦୂର କରିବା, ପୁଅ-ଝିଅ ମଧ୍ୟରେ ଜନ୍ମହାରରେ ସମାନତା ସହିତ ବାଳିକାମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ହରିୟାଣାର ପାନିପଥ ସହରରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ବିଗତ ୧୦ ବର୍ଷ ମଧ୍ୟରେ ଲିଙ୍ଗଗତ ଅନୁପାତରେ କନ୍ୟା ସନ୍ତାନଙ୍କର ଜନ୍ମହାର ବୃଦ୍ଧି ପାଇଛି । ୨୦୧୪-୧୫ ମସିହାରେ ୧ ହଜାର ପୁଅଙ୍କ ତୁଳନାରେ ୯୧୮ ଜଣ ଝିଅ ଜନ୍ମ ଗ୍ରହଣ କରୁଥିଲେ । ସରକାରଙ୍କ ଏହି ପଦକ୍ଷେପ ଫଳରେ ୨୦୨୩-୨୪ ମସିହା ସୁଦ୍ଧା ୧ ହଜାର ପୁଅଙ୍କ ତୁଳନାରେ କନ୍ୟାସନ୍ତାନଙ୍କ ଜନ୍ମସଂଖ୍ୟା ବୃଦ୍ଧି ପାଇଁ ୯୩୦ରେ ପହଁଞ୍ଚିଛି । ସେହିଭଳି ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏହି ସମୟ ମଧ୍ୟରେ ପାଖାପାଖି ୩ ପ୍ରତିଶତ ବୃଦ୍ଧି ଘଟି ୭୮ ପ୍ରତିଶତରେ ପହଁଞ୍ଚିଛି । ମହିଳାମାନଙ୍କର ପ୍ରସବ କ୍ଷେତ୍ରରେ ଡାକ୍ତରଖାନାରେ ଜନ୍ମ ନେଉଥିବା ଶିଶୁଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ୬୧ ପ୍ରତିଶତ ବୃଦ୍ଧି ପାଇ ୯୭ ଦଶମିକ ୩ ପ୍ରତିଶତରେ ପହଁଞ୍ଚିଥିବା ନେଇ ସରକାରୀ ତଥ୍ୟରୁ ଜଣାପଡ଼ିଛି । ଶିଶୁ ଓ ମାତୃ ମୃତ୍ୟୁହାର ମଧ୍ୟ ଆଶାନୁରୂପକ ଭାବେ 'ବେଟି

ବଚାଓ, ବେଟି ପଢ଼ାଓ’ ଯୋଗୁଁ ହ୍ରାସ ପାଇଛି। ଆର୍ଥିକ କ୍ଷେତ୍ରରେ ମହିଳାମାଙ୍କର ଭାଗିଦାରୀ ବୃଦ୍ଧି କରିବା ସହିତ ଶିକ୍ଷା, କ୍ରୀଡ଼ା, ପରିବେଶ ସନ୍ତୁଳନ ରକ୍ଷା କରିବା କ୍ଷେତ୍ରରେ ‘ବେଟି ବଚାଓ, ବେଟି ପଢ଼ାଓ’ ଜନ ଆନ୍ଦୋଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ‘ବେଟି ବଚାଓ-ବେଟି ପଢ଼ାଓ’ ଯୋଜନାର ଦଶ ବର୍ଷ ପୂର୍ତ୍ତି ଅବସରରେ ଆଜିଠାରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ମାସ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ପର୍ଯ୍ୟନ୍ତ ଚାଲିବ।

***HS***

## ଉପମୁଖ୍ୟମନ୍ତ୍ରୀ- ବେଟି ବଚାଓ, ବେଟି ପଢ଼ାଓ

ଶିଶୁ କଲ୍ୟାଣର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି, ମହିଳାଙ୍କ କାର୍ଯ୍ୟଦକ୍ଷତା ଏବଂ ସାମଗ୍ରୀକ ଅଭିବୃଦ୍ଧି ‘ବେଟି ବଚାଓ, ବେଟି ପଢ଼ାଓ’ ଯୋଜନାର ମୂଳଲକ୍ଷ୍ୟ ବୋଲି  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ‘ବେଟି ବଚାଓ, ବେଟି ପଢ଼ାଓ’ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡ଼ା  କହିଛନ୍ତି, ଲିଙ୍ଗଗତ ଅସମାନତାକୁ ଦୂର କରି ଶିଶୁକନ୍ୟାଙ୍କୁ ସମାଜରେ ସମାନ ଅଧିକାର, ସୁରକ୍ଷା ପ୍ରଦାନ, ଶିକ୍ଷିତ କରିବା ସମସ୍ତଙ୍କର ନୈତିକ ଦାୟିତ୍ୱ ହେବା ଦରକାର।

***BBSR/R***

# କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍‌ର ବୈଠକ ଜାରି ରହିଛି । ମିଳିଥିବା ସୂଚନା ଅନୁସାରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ, ମହିଳା ଓ ଶିଶୁ ବିକାଶ ବିଭାଗର କେତୋଟି ପ୍ରସ୍ତାବକୁ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି ।

***Sambalpur***

# ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ

ସମ୍ବଲପୁର ଜିଲ୍ଲା ପୋତାପାଲିସ୍ଥିତ ଶ୍ରୀକୃଷ୍ଣ ଗୋଶାଳାରେ ରାଧାକୃଷ୍ଣ ମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମନ୍ଦିରର ଉଦ୍‌ଘାଟନ କରିବା ସହ ସ୍ଥାନୀୟ ଗୋଶାଳାକୁ ବୁଲି ଦେଖିଥିଲେ । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ସରକାର ଗୋବଂଶର ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

**- V/O –**

***Desk***

# ମାଣ୍ଡିଆ ସଂଗ୍ରହ

ରାଜ୍ୟ ସରକାର ଖରିଫ୍ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଅବଧିକୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ମାଣ୍ଡିଆ

ଚାଷୀମାନେ ସେମାନଙ୍କର ନିକଟସ୍ଥ କୃଷକ ସଂଗଠନ, ପ୍ୟାକ୍ସ, ଲ୍ୟାମ୍ପ୍ସ ତଥା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଧାର୍ଯ୍ୟ ତାରିଖ ମଧ୍ୟରେ ମାଣ୍ଡିଆ ବିକ୍ରୟ ପାଇଁ ପଞ୍ଜୀକରଣ କରାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ଚଳିତବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Desk***

# ବଜେଟ୍ ଅଧିବେଶନ

ବିଧାନସଭାର ବଜେଟ ଅଧିବେଶନ ଆସନ୍ତା ଫେବୃଆରୀ ମାସ ୧୩ ତାରିଖରୁ ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଅଧିବେଶନର ପ୍ରଥମ ପର୍ଯ୍ୟାୟ ୧୩ରୁ ୨୧ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ମାସ ୭ ତାରିଖରୁ ଏପ୍ରିଲ୍ ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ଅଭିଭାଷଣ ରଖିବେ। ଫେବୃୟାରୀ ମାସ ୧୭ ତାରିଖରେ ଆସନ୍ତା ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି ।

***BBSR/R***

# ଉତ୍କର୍ଷ ଓଡ଼ିଶା ସମ୍ମିଳନୀ

ଭୁବନେଶ୍ୱରର ଜନତା ମଇଦାନରେ ଚଳିତ ମାସ ଶେଷ ସପ୍ତାହର ୨୮ ଏବଂ ୨୯ ତାରିଖରେ ଦୁଇ ଦିନିଆ 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶିଳ୍ପ ବିଭାଗର

ପ୍ରମୁଖ ସଚିବ ହେମନ୍ତ ଶର୍ମା ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି, ୨୭ ତାରିଖରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରାୟ ୨୦୦ ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭୁବନେଶ୍ୱର ଆସିବେ।

***Puri***

# ଝାଡ଼ାବାନ୍ତି

ପୁରୀ ଜିଲ୍ଲା କଣାସ ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କ ସୂଚନା ଅନୁସାରେ, ଝାଡ଼ାବାନ୍ତି ଘଟଣାରେ ସାମାନ୍ୟ ସୁଧାର ଆସିଛି। ଘଟଣାସ୍ଥଳ ପରିଦର୍ଶନ କରି ଡାକ୍ତର ଶ୍ରୀ ମିଶ୍ର କହିଛନ୍ତି, ଝାଡ଼ାବାନ୍ତି ଘଟଣାରେ ୪ ଜଣଙ୍କ ମୃତ୍ୟୁ ଅଭିଯୋଗର ପ୍ରକୃତ କାରଣ ନେଇ ସରକାରୀ ସ୍ତରରେ ତର୍ଜମା ଚାଲିଛି। ଝାଡ଼ାବାନ୍ତି ଯେପରି ଅଧିକ ନ ବ୍ୟାପେ ସେଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ୮୩ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଚିକିତ୍ସା ପରେ ୭୬ ଜଣ ସୁସ୍ଥ ହୋଇଛନ୍ତି । ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଡାକ୍ତରୀ ଦଳ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

***BHK***

# ଭଦ୍ରକ- ବେଟି ବଚାଓ, ବେଟି ପଢ଼ାଓ

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ ପାଳନର ୧୦ ବର୍ଷ ପୂର୍ତ୍ତି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ କନ୍ୟା ସନ୍ତାନଙ୍କୁ ସମାନ ଅଧିକାର, ଭ୍ରୁଣ ହତ୍ୟା ରୋକିବା, ସମାଜରେ ପୁଅ-ଝିଅଙ୍କୁ ସମାନ ନଜରରେ ଦେଖିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଗତ ୧୦ ବର୍ଷ ମଧ୍ୟରେ ଭଦ୍ରକ ଜିଲ୍ଲାରେ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମର ସଫଳତାକୁ ନେଇ ଜିଲ୍ଲାପାଳ କହିଛନ୍ତି...

**- V/O -**

***Malkangiri***

## ଜାତୀୟ ଶିକ୍ଷାନୀତି - କର୍ମଶାଳା

ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟାନ୍ୱୟନ ଉପରେ ଜାତୀୟ କର୍ମଶାଳାର ଆଜି ଦ୍ୱିତୀୟ ଦିବସ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ହେଉଛି। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷାବିତ୍ ମାନେ ଯୋଗଦେଇ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରୁଛନ୍ତି। ଶିକ୍ଷା, ପରୀକ୍ଷା ପଦ୍ଧତି, ଭିତ୍ତିଭୂମି, ପରୀକ୍ଷା ପରିଚାଳନା, ସଂସ୍କାର ଭଳି ବିଭିନ୍ନ ୧୦ଟି ଗ୍ରୁପ୍‌ରେ ଶିକ୍ଷାବିତ୍‌ମାନେ ମତାମତ ଦେଉଛନ୍ତି।

*Desk*

## ପରାକ୍ରମ ଦିବସ

ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ଉପଲକ୍ଷେ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ କଟକ ସହରର ବାରବାଟୀ ଦୁର୍ଗରେ ପରାକ୍ରମ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ।

*Ganjam*

## ବିଜ୍ଞାନ ସମ୍ମିଳନୀ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଦୁଇଦିନିଆ ଜୈବ ବିଜ୍ଞାନରେ ଅନୁସନ୍ଧାନ ଏବଂ ଉଦ୍ଭାବନ ଉପରେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ଯୋଗଦେଇ ଜନସ୍ୱାସ୍ଥ୍ୟ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଇ.ସି.ଏମ୍.ଆର୍.ର ଅବସରପ୍ରାପ୍ତ ବୈଜ୍ଞାନିକ ଡକ୍ଟର କାମରାଜୁ ରାଘବେନ୍ଦ୍ର ଯୋଗଦେଇ ରୋଗ ପ୍ରତିରୋଧକ ସମ୍ପର୍କରେ ନିଜ ଗବେଷଣାର ଅଭିଭାଷଣ ଉପସ୍ଥାପନ କରିଥିଲେ ।

*Ganjam*

# ନିଯୁକ୍ତି ଭିତ୍ତିକ ତାଲିମ

ଓଡ଼ିଶା ଦକ୍ଷତା, ବିକାଶ, ପ୍ରାଧିକରଣ, ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଦିଗପହଣ୍ଡି ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ବୈଷୟିକ ଶିକ୍ଷା ଏବଂ ନିଯୁକ୍ତି ଭିତ୍ତିକ ତାଲିମ ଓ ଦକ୍ଷତା ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷିତ ବେକାର ଯୁବକ ଯୁବତୀମାନେ ଆଗାମୀ ଦିନରେ କିଭଳି ନିଯୁକ୍ତି ପାଇବେ ସେହି ସମ୍ପର୍କରେ ପରାମର୍ଶ ଦିଆଯାଉଛି । ପରାମର୍ଶ ମେଳାରେ ବ୍ଲକ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତରୁ ୪୦୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଭାଗ ନେଇଛନ୍ତି ।

*Desk*

# ହକି

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଆଜି ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମରେ ସନ୍ଧ୍ୟା ୬ଟା ସମୟରେ ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ସେହିପରି ଅନ୍ୟ ଏକ ମ୍ୟାଚ୍ ପୁରୁଷ ବର୍ଗରେ ରାତି ୮ଟା ୧୫ ମିନିଟ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ।